ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1181/01-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୧ ଫେବୃଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ୍ ମାଧ୍ୟମରେ ବିଭିନ୍ନ ରାଜ୍ୟ ତଥା ଜାତୀୟ ରାଜପଥଗୁଡ଼ିକର ୧୮ଟି ଇଲାକାରେ ୧୮ଟି ହାଇୱେ ପେଟ୍ରୋଲିଂ ୟୁନିଟ୍‌ର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପେଟ୍ରୋଲିଂ ୟୁନିଟ୍‌ଗୁଡ଼ିକ ରାଜପଥଗୁଡ଼ିକରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଲୋକଙ୍କ ଜୀବନରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବିଭିନ୍ନ ଦୁର୍ଘଟଣାପ୍ରବଣ ଇଲାକାଗୁଡ଼ିକରେ ୩୬ଟି ପାଟ୍ରୋଲିଂ ୟୁନିଟ୍ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୧୮ଟି ୟୁନିଟ୍‌ର କାର୍ଯ୍ୟକାରିତା ଓ ଉପଲବ୍ଧି ଭବିଷ୍ୟତ କାର୍ଯ୍ୟକ୍ରମ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ପ୍ରଭାବିତ କରିବ । ସେ ସଂପୃକ୍ତ ଅଧିକାରୀମାନଙ୍କୁ ସଡ଼କ ନିରାପତ୍ତା ବ୍ୟବସ୍ଥା ତଥା ସଂପର୍କିତ ଆଇନଗୁଡ଼ିକ ଉପରେ ଗାଡ଼ିଚାଳକମାନଙ୍କୁ ବ୍ୟାପକ ଭାବରେ ସଚେତନ କରିବାକୁ ଅଭିଯାନ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

- ମାନ୍ୟବର ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ଗୃହ ବିଭାଗ ତଥା ରାଜ୍ୟ ପୋଲିସର ବରିଷ୍ଠ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ସଂଯୋଜନା କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ତଟରକ୍ଷୀ ବାହିନୀ ଦିବସ ଅବସରରେ ଭାରତୀୟ ତଟରକ୍ଷୀ ବାହିନୀର କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି । ଦୃଷ୍ଟାନ୍ତମୂଳକ ପ୍ରତିବଦ୍ଧତା ଓ ତ୍ରୁଟିହୀନ ସେବା ସହ ଆମର ଉପକୂଳଗୁଡ଼ିକୁ ସୁରକ୍ଷା କରିବାରେ ସେମାନଙ୍କ ସାହସ ଓ ନିଷ୍ଠାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ମହିଳା କମିଶନ ଏବଂ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭେଡ୍‌କରଙ୍କ ଦ୍ୱାରା ମହାମାରୀ ବିରୁଦ୍ଧରେ ଅଗ୍ରଣୀ ରାଜ୍ୟମାନଙ୍କ ସଂଗ୍ରାମ ପାଇଁ ଓଡ଼ିଶାର ମହିଳା କୋଭିଡ୍ ଯୋଦ୍ଧାମାନେ ସମ୍ମାନିତ ହୋଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଏନ୍‌ଏମ୍‌ମାନଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀ ଏବଂ ପୋଲିସ କର୍ମଚାରୀଙ୍କ ପର୍ଯ୍ୟନ୍ତ ଏହି ମହିଳାମାନେ ସେମାନଙ୍କର କର୍ତ୍ତବ୍ୟ

ପ୍ରତିପାଦନରେ ଅସାଧାରଣ ଧୈର୍ଯ୍ୟ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୂଲ୍ୟବାନ ଜୀବନହାନୀ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତମାନଙ୍କର ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଅଂଶୁପା ହ୍ରଦର ଉପଯୁକ୍ତ ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ପାଞ୍ଚବର୍ଷିଆ ସମନ୍ୱିତ ପରିଚାଳନା ଯୋଜନାକୁ ଅନୁମୋଦନ ଦେବାକୁ କେନ୍ଦ୍ର ସରକାରଙ୍କଠାରେ ଦାବି କରିଛନ୍ତି । ଏହି ପ୍ରସ୍ତାବିତ ପ୍ରକଳ୍ପ ହ୍ରଦର ଜୈବବିବିଧତାକୁ ସୁରକ୍ଷା ଦେବା ସହ ପର୍ଯ୍ୟଟନ ସମ୍ଭାବନାକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଓପିଟିସିଏଲ୍, ଓଡ଼ିଶା ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଏହି ଅଗ୍ରଣୀ ଇଂଜିନିୟରିଂ ପ୍ରତିଷ୍ଠାନରେ ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ସହଯୋଗ ଗବେଷଣା କ୍ଷେତ୍ରରେ ଏକ ନୂତନ ଯୁଗର ଶୁଭାରମ୍ଭ ସହ ଓଡ଼ିଶାର ଶକ୍ତିକ୍ଷେତ୍ରରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସହରାଞ୍ଚଳର ଗରିବ, ଅନୌପଚାରିକ ଓ ଦାଦନ ଶ୍ରମିକଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଏକ ମଜୁରୀ ଯୋଜନା 'ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ' ଆରମ୍ଭ କରିବେ । ଏହା ପରିବେଶ ସହନଶୀଳ ଓ ଜଳବାୟୁ ପ୍ରତିରୋଧି ଗୋଷ୍ଠୀ ସଂପତ୍ତି ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର 'ସହରାଞ୍ଚଳ ସ୍ୱଚ୍ଛ ଯୋଜନା' ବର୍ଜ୍ୟ ପରିଚାଳନା ସହ ଲୋକଙ୍କୁ ରୋଜଗାର ଯୋଗାଇବାରେ ସଫଳ ସାବ୍ୟସ୍ତ ହେଉଛି । ୨୧୧୮ ସ୍ୱଚ୍ଛସାଥୀଙ୍କ ସହ ରାଜ୍ୟର ୫୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ବର୍ଜ୍ୟ ସଂଗ୍ରହ, ପୃଥକୀକରଣ, ଖତ ପ୍ରସ୍ତୁତି ଆଦି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ବୋଲି ସେ କହିଛନ୍ତି ।

- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ସୁବ୍ରତ ବାଗ୍‌ଚୀ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସୂଚନା ଓ ଲୋକସଂପର୍କ ବିଭାଗର ସଚିବ ତଥା ଇଡ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଆଜି ବ୍ରହ୍ମପୁର ଶିଳ୍ପ ତାଲିମ ପ୍ରତିଷ୍ଠାନର ନବନିର୍ମିତ ଛାତ୍ରୀନିବାସ ଉଦ୍‌ଘାଟନ କରିଛନ୍ତି । ଏହି ଛାତ୍ରୀନିବାସରେ ଇନ୍‌ଡୋର ଓ ଆଉଟ୍‌ଡୋର ଖେଳ ବ୍ୟବସ୍ଥା ସହ ସମସ୍ତ ଆଧୁନିକ ସୁବିଧା ରହିଛି । ଇଡ୍‌କୋ ସହାୟତାରେ ଏହି ଆଧୁନିକ ଛାତ୍ରୀନିବାସ ନିର୍ମାଣ କରାଯାଇଛି ।

    - ଶ୍ରୀ ବାଗ୍‌ଚୀ ଓ ଶ୍ରୀ ସିଂ ଶିଳ୍ପ ତାଲିମ ଅନୁଷ୍ଠାନର ପରିସରରେ ଥିବା ମୁକ୍ତାକାଶ ସ୍କ୍ରାପ୍ ପାର୍କରେ ଭାରତର ମାନଚିତ୍ର ଉଦ୍‌ଘାଟନ କରିଛନ୍ତି ଓ ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତା ବଳରେ ସ୍ୱଳ୍ପ ବ୍ୟୟ ସମ୍ବଳିତ

ଇନ୍‌ଭର୍ଟର ପ୍ରସ୍ତୁତ କରିଥିବାରୁ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଶ୍ରୀ ବାଗ୍‌ଚୀ ଓ ଶ୍ରୀ ସିଂ ମଧ୍ୟ ଗୋପାଳପୁରସ୍ଥିତ ଏନ୍‌ଟିଟିଏଫ୍ ପରିଦର୍ଶନ କରିଛନ୍ତି ।

- ଆଜି ୧୦ଟି ଅଧିବେଶନରେ ଧାର୍ଯ୍ୟ କରାଯାଇଥିବା ୧,୨୧୮ ହିତାଧିକାରୀଙ୍କ ମଧ୍ୟରୁ ୧,୦୩୮ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟୀକା ଦିଆଯାଇଛି । ଆଜି ୮୫.୨ ପ୍ରତିଶତ ହିତାଧିକାରୀଙ୍କୁ ଟୀକା ଦିଆଯାଇଥିବାବେଳେ କାହାରିଠାରେ  ଟୀକାକରଣ ପରବର୍ତ୍ତୀ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇନାହିଁ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୭,୩୧,୭୫୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୫,୧୫୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୨,୧୦୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୦୮୯ ରହିଛି ।
- ୧,୦୮୯ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**